# ସାମାଜିକ ଲିଙ୍ଗୀୟ ପ୍ରଭେଦ



# WORD

KHAJURIA, TELKOI

KEONJHAR

*ପ୍ରସ୍ତୁତି ସହାୟତା :*
**ଶ୍ରୀମତୀ ପ୍ରମିଳା ପଣ୍ଡା**
ଓ୍ୱାର୍ଡ, କେନ୍ଦୁଝର
ପୁଷ୍ପିତା ଦାସ, ଭୁବନେଶ୍ୱର
ବିଶାଖା ଭଞ୍ଜ, କଟକ

*ପ୍ରକାଶକ :*
ଡ଼ି.ପି.ଜି. ଦେବଗଡ଼
ସା. - ଦୁଧିଆନାଳୀ,
ପୋ.- ଗୋହୁରିଆ ଡ୍ୟାମ୍ ସାଇଟ୍
ଜି. - ଦେବଗଡ଼
ପି. - ୭୬୮୧୨୧

*ସହାୟତା :*
ହିଭୋସ, ବାଙ୍ଗାଲୋର
ଡ଼ି.ପି.ଜି. ଦେବଗଡ଼

*ମୁଦ୍ରଣ :*
*ଲିବ୍ରା ଡ଼ି.ଟି.ପି. ସେଣ୍ଟର୍,*
*ବଅଁରପାଳ ।*

**Editorial Support :**
Smt. Pramila Panda
**WORD**, Keonjhar
Puspita Das, Bhubaneswar
Bisakha Bhanja, Cuttack

**Publisher :**
**D.P.G. Deogarh**
Vill. - Dudhianali
P.O.- Gohuria Dam Site
Dist. - Deogarh
PIN. - 768121

**Supported By :**
**HIVOS,** Bangalore
**D.P.G.** Deogarh

**Printed at :**
Libra D.T.P. Centre
Banarpal, Angul

***

# ମୁଖବନ୍ଧ

ପିଲାଟିଏ ଜନ୍ମହୁଏ । ତାର କୁଆଁ କୁଆଁ କାନ୍ଦରେ ଘର ଅଗଣା ହସି ଉଠେ । ହେଲେ ପିଲାଟି ନିଜେ ବି ଜାଣେନା ତାର ଆଗମନରେ ପରିବାରଟି କେତେ ଖୁସି ଅବା କେତେ ଦୁଃଖୀ । ବଡ଼ ହେଲେ ସେ ଫ୍ରକ୍ ପିନ୍ଧିବ, ଘାଗରା ପିନ୍ଧିବ ଶାଢ଼ୀ ପିନ୍ଧିବ ବା ପ୍ୟାଣ୍ଟ୍ ସାର୍ଟ ପିନ୍ଧିବ । ହଳ ପଛରେ ପାଞ୍ଚଣ ଧରି ବାପା ସାଙ୍ଗରେ ବିଲକୁ ଯିବ କି ସ୍କୁଲ୍ ଡ୍ରେସ୍ ପିନ୍ଧି ସ୍କୁଲ୍‌କୁ ଯିବ କିମ୍ବା ମା'ର କାନିଧରି ରୋଷେଇ ଘରେ ତାର ଆସର ଜମେଇବ । ଧୀରେ ଧୀରେ ବଡ଼ ହେବା ସଙ୍ଗେ ସଙ୍ଗେ ସେ ଶିଖିଯାଏ ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟକୁ । ବୁଝିବାକୁ ଚେଷ୍ଟା କରେ ସମାଜ ତିଆରି କରିଥିବା ସଂପର୍କର ସଂଜ୍ଞା ଓ ଗୁରୁତ୍ୱକୁ ଛନ୍ଦି ହୋଇଯାଏ ସାମାଜିକ ଭୁଲ ଓ ଠିକ୍‌ର ବଳୟ ଭିତରେ । ନିଜର ଚିନ୍ତାଧାରା, ଚଳଣି, ରଙ୍ଗ, ଢ଼ଙ୍ଗ ଓ କଥାବାର୍ତ୍ତାକୁ ପ୍ରଭାବିତ କରେ ସେଇ ଅଂଚଳର ସାମାଜିକ ପରିବେଶ ।

ନିର୍ଦ୍ଦିଷ୍ଟ ସାମାଜିକ ପରିବେଶ ମଧ୍ୟରେ ବଢ଼ିଥିବା ଶିଶୁମାନେ (ଝିଅ ଶିଶୁ ବା ପୁଅ ଶିଶୁ) ଭବିଷ୍ୟତରେ ଏକ ନିର୍ଦ୍ଦିଷ୍ଟ ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତି । ସେମାନଙ୍କ ମଧ୍ୟରେ ପାର୍ଥକ୍ୟ ଦେଖାଯାଏ । ବହୁଳ ଭାବରେ ମହିଳାମାନେ ଏହାର ଶିକାର ହେଉଛନ୍ତି । ନିଜର ଅନ୍ତର୍ନିହିତ ଗୁଣାବଳୀକୁ ବିକାଶ କରିବାର ସୁଯୋଗରୁ ବଞ୍ଚିତ ହୋଇ ବଣମଲ୍ଲୀ ବଣରେ ଝଡ଼ିଗଲା ଭଳି ଲୀନ ହୋଇଯାଉଛନ୍ତି ।

ବର୍ତ୍ତମାନ ସମୟ ଆସିଛି, ସରକାରୀ ଓ ବେସରକାରୀ ସ୍ତରରେ ମହିଳାମାନଙ୍କର ଭାଗିଦାରିତାକୁ ଗୁରୁତ୍ୱ ଦିଆଯାଉଛି । ଆସନ୍ତୁ, ଆମେ ସମସ୍ତେ ହାତକୁ ହାତ ମିଳାଇ ବିକାଶ ମୂଳକ କାର୍ଯ୍ୟରେ ମହିଳା ମାନଙ୍କର ନିଷ୍ପତ୍ତି ନେବାର ଭାଗିଦାରିତାକୁ ବଢ଼ାଇବା ପାଇଁ ସଂଗ୍ରାମରେ ସାମିଲ୍ ହେବା ।

ଶ୍ରୀମତୀ ପ୍ରମିଳା ପଣ୍ଡା,
*ସଂପାଦିକା, ୱାର୍ଡ୍, କେନ୍ଦୁଝର ।*

*ଲିଙ୍ଗ ଭିତ୍ତିକ ପ୍ରଭେଦ କ'ଣ*

**What is Gender-Based Disparity:**

ଗୋଟିଏ ନିର୍ଦ୍ଦିଷ୍ଟ ସାମାଜିକ ପରିବେଶରେ ମହିଳା ଓ ପୁରୁଷ ମଧ୍ୟରେ ଥିବା ସାମାଜିକ ସଂପର୍କ, ଚଳଣି ଓ ସମାଜ ଅନୁମୋଦିତ କାର୍ଯ୍ୟକଳାପ ଓ ଚିନ୍ତାଧାରାକୁ ଜେଣ୍ଡର୍ କୁହାଯାଏ । ଏହା ମଣିଷର ଚିନ୍ତାଧାରା, ଚଳଣି, ରଙ୍ଗ ଢ଼ଙ୍ଗ, କଥାବର୍ତ୍ତାକୁ ପ୍ରଭାବିତ କରିଥାଏ ।

*ଲିଙ୍ଗ ଭିତ୍ତିକ ପ୍ରଭେଦତାର ସୃଷ୍ଟି*

**Gender-Based Disparity :**

ପୁରାତନ ପ୍ରସ୍ତର ଯୁଗରୁ ପୁରୁଷ ଓ ମହିଳାମାନେ ଜଙ୍ଗଲରୁ ପଶୁ ଶିକାର କରି ଫଳମୂଳ ସଂଗ୍ରହ କରି ନିଜର ଜୀବିକା ନିର୍ବାହ କରୁଥିଲେ । ସେତେବେଳେ ପୁରୁଷ ଓ ମହିଳାଙ୍କ ମଧ୍ୟରେ ତଫାତ କିଛି ନଥିଲା । ସଭ୍ୟତାର ବିକାଶ ସାଥିରେ ମଣିଷ ଯେତେବେଳେ ଚାଷବାସ କରି ଚଳିଲା, ସେହି ସମୟରେ ବଳକା ସମୟ ମଧ୍ୟ ସେମାନଙ୍କ ପାଇଁ ରହିଲା । ସେ ସମୟରେ ମହିଳା ମାନଙ୍କର ଶାରିରୀକ ଗଠନ ହେତୁ ସାଧାରଣ ଭାବରେ ମହିଳାମାନେ ଗର୍ଭଧାରଣ ସମୟରେ ତଥା ପ୍ରସବ ପରେ ପିଲାର ଦେଖାଶୁଣା କରିବା ନିମନ୍ତେ ଘରେ ରହି ଘର କାମକଲେ ଓ ପୁରୁଷ ମାନେ ବାହାର କାମ କଲେ । ଧିରେ ଧିରେ ସମୟର ପରିବର୍ତ୍ତନ ହେଲା ଏବଂ ମହିଳା ମାନଙ୍କ କାର୍ଯ୍ୟକ୍ରମ ଗୁଡ଼ିକୁ ଶାଶୁ ଘରର ଚାରି କାନ୍ଥ ମଧ୍ୟରେ ସୀମିତ କରିଦିଆଗଲା ।

*ଲିଙ୍ଗ ଭିତ୍ତିକ ସାମାଜିକ ପ୍ରଭେଦ*

Gender disparity :

କୃଷିକ୍ଷେତ୍ରରେ ଅହରହ ଖଟୁଥିବା ମହିଳାମାନେ ପଛେଇ ଯାଆନ୍ତି ମଞ୍ଜି ବାଛିବାରେ, ଦରଦାମ ଠିକ୍ କରିବାରେ, କିଣାବିକାରେ । ସର୍ବୋପରି ଚାଷବାସର ଆୟବ୍ୟୟ ଉପରେ ସିଦ୍ଧାନ୍ତ ନେବାରେ, ସୂର୍ଯ୍ୟୋଦୟ ଠାରୁ ଅଧରାତିଯାଏ ଖଟୁଥିବା ଗୃହିଣୀଟିଏ ଅଧିକାଂଶ କ୍ଷେତ୍ରରେ ପ୍ରତିଟି କଥାରେ ଉତ୍ତର ଦିଏ "ସେ ଜାଣିଥିବେ" ସତେ ଯେମିତି ଓଢ଼ଣା ତଳର ଦୀର୍ଘଶ୍ୱାସ ଭିତରେ ଚାପି ହୋଇଯାଏ ମତବ୍ୟକ୍ତ କରିବାରେ ଅଧିକାର, ଆଗେଇ ଆସିବାର ସ୍ପୃହା କବାଟ ଝରକାର ଫାଙ୍କାବାଟେ ସେ ଅନାଇ ରହେ ସର୍ବାଙ୍ଗୀନ ଉନ୍ନତି ପାଇଁ ଅନୁଷ୍ଠିତ ହେଉଥିବା ସଭା ସମିତିକୁ ଏହାହିଁ Gender disparity ଅଟେ ।

## *ଲିଙ୍ଗ ଭିତ୍ତିକ ପ୍ରଭେଦ*
*Gender Discrimination :*

ସହର ନଗର ପରିବେଶକୁ ବାଦ୍ ଦେଇ ଗାଁ ଭୂଇଁ କଥା ବିଚାରକୁ ନେଲେ ଏବେବି ସ୍ତ୍ରୀ ଲୋକଟିଏ ଅନେକ କ୍ଷେତ୍ରରେ ଅବହେଳିତ, ଉପେକ୍ଷିତ, ନିର୍ଯ୍ୟାତିତ । ଓଡ଼ିଶା ପରିପ୍ରେକ୍ଷୀରେ ଆମେ ଯଦି ବିଚାର କରିବା, ଏବେବି ଝିଅଟିଏ ଜନ୍ମ ହେଲେ ଘର ଲୋକଙ୍କର ବିଶେଷ କରି ମା' ଜେଜେ ମାଙ୍କର ମୁହଁ ଶୁଖିଯାଏ । ପୁଅ ପାଇଁ କେତେ ଓଷା ବ୍ରତର ଆୟୋଜନ ହୁଏ । ଜନ୍ମ ଦାତ୍ରୀ ମା ବି ଭୁଲିଯାଏ ଯେ ତା'ବିନା ସୃଷ୍ଟି ଅସମ୍ଭବ । ଝିଅ ଟିଏ ବୋଝଭାବେ ଗଣାହୁଏ । ଏଭଳି ମାନସିକତାରୁ ହିଁ କନ୍ୟା ଭୃଣ ହତ୍ୟାଭଳି ଜଘନ୍ୟ ଚିନ୍ତାଧାରାର ଆରମ୍ଭ । ଜନ୍ମ ପୂର୍ବରୁ ଯେ ଶିଶୁ କନ୍ୟାଟି ଅସୁରକ୍ଷିତ, ଏକଥା ଅସ୍ୱୀକାର କରି ହୁଏନି । ଶୈଶବରେ ଲାଳନ ପାଳନରେ ତାରତମ୍ୟ, କୈଶୋରରେ ଶିକ୍ଷାଗ୍ରହଣରେ ପକ୍ଷପାତିତା, ଯୌବନରେ ସୁଯୋଗର ଅଭାବ ଏବଂ ପ୍ରତିମୁହୁର୍ତ୍ତରେ ଅସୁରକ୍ଷିତ ନାରୀଟିଏ ପ୍ରତି ପାହାଚରେ ଧକ୍କା ଖାଇ ଖାଇ ଉପରକୁ ଚଢ଼େ । ପାଠ ପଢ଼ାଇଲା ବେଳେ ବାପା ମା' ଚିନ୍ତା କରନ୍ତି ଯାହା ହେଲେବି ପୁଅ ପିଲାଟା, କଷ୍ଟ ଅସୁବିଧା ହେଉ ପଛେ ତା'କୁ ଦିଆଯାଉ ସୁବିଧା ସୁଯୋଗ । ଝିଅ ବେଳକୁ ଅନେକ ନିକିତି ତଉଲ, ମାପଚୁପ, ଆମର କ୍ଷମତା କେତେ, କେତେ ପଢ଼େଇ ପାରିବା, ଏତେ ବାଟ ଯିବ କେମିତି, ଝିଅ ପିଲାଟା ପଢ଼ିବାଟା ନିହତି ଦରକାର କି ଏମିତି ଅନେକ ପ୍ରଶ୍ନ । ଖାଦ୍ୟ ପେୟ, ପୋଷାକ ପତ୍ର ପ୍ରତିଟି ପାରିବାରିକ ଚଳଣୀରେ ଏଇ ପକ୍ଷପାତିତାର ଛିଟା ରହିଯାଏ । ଏହାକୁହିଁ କୁହାଯାଏ ଜେଣ୍ଡର ଡ଼ିସ୍କ୍ରିମିନେଶନ (Gender discrimination) ବା ଲିଙ୍ଗ ଭିତ୍ତିକ ପ୍ରଭେଦ ।

ଏହାର ଅର୍ଥ ନୁହେଁ ଯେ ଭାଇଟିଏ ଭଉଣୀକୁ ଭଲ ପାଏ ନାହିଁ। ମାଟିଏ ଝିଅକୁ ହତାଦର କରେ । ଏହାର ଅର୍ଥ ହେଲା ଅନେକ କ୍ଷେତ୍ରରେ ଆମର ଅସନ୍ତୁଳିତ ସାମାଜିକ ଜୀବନ, ଯାହା ଫଳରେ ଆମର ବିକାଶ ବାଧାପ୍ରାପ୍ତ ହେଉଛି ।

ଯୋଜନା ଗୁଡ଼ିକୁ ରୂପାୟିତ କରିବାରେ ଆମେ ଅକ୍ଷମ । ଦୁଇଟି ଯାକ ଚକ ସମପତନରେ ନ ଚାଲିଲେ ଶଗଡ଼ଟି ଯେମିତି ଅଣେଇ ହୋଇଯାଏ, ଅନେକ କ୍ଷେତ୍ରରେ ସେମିତି ଅଣେଇ ହୋଇଯାଉଛି ଆମର ବିକାଶର ଧାରା । ଖାଲି ସାମାଜିକ ନୁହେଁ ଅର୍ଥନୈତିକ ସ୍ୱାବଲମ୍ବନଶୀଳତା ଦୃଷ୍ଟିରୁ ବିଚାର କଲେ ଘର କାମକୁ ଆର୍ଥିକ ମାନଦଣ୍ଡରେ ବିଚାରକୁ ନିଆଯାଏ ନାହିଁ ପାରିବାରିକ ଆୟରେ, ଘରର ଭବିଷ୍ୟତର ଆୟରେ ଝିଅଟିଏ ରୋଜଗାରକ୍ଷମ ହେଲେ ମଧ ତା'ର ଅବଦାନ ରହିବ ନାହିଁ ଭାବି ପରଗୋତ୍ରୀ ହିସାବରେ ତା'କୁ ଉପେକ୍ଷା କରାଯାଏ ଅନେକ ସମୟରେ । ସେ ଯେ ଆଉ କାହା ଘରର ମେରୁଦଣ୍ଡ ହେବ ଏବଂ ଅନ୍ୟ ପରିବାରର ଝିଅଟିଏ ଯେ ଏ ଘରକୁ ସୁସ୍ଥ ସୁନ୍ଦର ପରିବେଶ ଦେବ ସେ କଥା ଆମେ ଭୂଲିଯାଉ । ଏ ସଂକୀର୍ଣ୍ଣତା ଦୂର ନହେଲା ପର୍ଯ୍ୟନ୍ତ ସମାଜର ବିକାଶ ଅସମ୍ଭବ । ପିଲାଦିନୁ ଏଭଳି ହୀନମନ୍ୟତାର ଶିକାର ହୋଇ ବଞ୍ଚିଥିବା ଝିଅଟିଏ ଯଦି ହଠାତ୍ କମ୍ ବୟସରେ ବିଧବା ଅବା ପତି ପରିତ୍ୟକ୍ତା ହୋଇଯାଏ, ତା'ଉପରେ ଆକାଶ ଛିଣ୍ଡି ପଡ଼େ । ପିଲାକୁ କେମିତି ମଣିଷ କରିବ ଭାବି ଚାରିଦିଗ ତାକୁ ଅନ୍ଧାର ଦିଶେ । ମଦ୍ୟପ ସ୍ୱାମୀଟିର ମାଡ଼ ଗାଳି ସହି ପ୍ରତି ମୁହୂର୍ତ୍ତରେ ସ୍ତ୍ରୀଟି ମରି ମରି ବଂଚିଥାଏ । ଡ଼ାକ୍ତରଖାନା ହେଉ ଅଥବା ଦୂର ଜାଗାର ମେଳାଟିକୁ ହେଉ କିମ୍ବା କୌଣସି କାମରେ ବ୍ଲକ୍ ଅଫିସ୍ ଯିବାକୁ ହେଉ ତାକୁ ନିର୍ଭର କରିବାକୁ ପଡ଼େ ପୁରୁଷ ସାଥୀଟି ଉପରେ । ଅନେକ ସମୟରେ ଏହି ନିର୍ଭରଶୀଳତାହିଁ ସେମାନଙ୍କ ଅବନ୍ନତିର କାରଣ ଘଟିଥାଏ । ତେଣୁ ଗାଁ ଗହଳୀରେ ଗଢ଼ି ଉଠିଥିବା ସ୍ୱଂୟ ସହାୟକ ଦଳ, ଗ୍ରାମ୍ୟ କମିଟି, ମହିଳା ସମିତି, ଯୁବକ ସଂଘ ଇତ୍ୟାଦି ଅନୁଷ୍ଠାନ ମାନେ ସେମାନଙ୍କ କାର୍ଯ୍ୟକ୍ରମକୁ ଏପରି ଭାବେ ଯୋଜନା କରିବା ଦରକାର ଯେପରି ମହିଳାମାନଙ୍କୁ କାର୍ଯ୍ୟକ୍ରମ ପାଖରେ ପହଞ୍ଚିବାକୁ ପଡ଼ିବ ନାହିଁ, ବରଂ କାର୍ଯ୍ୟକ୍ରମ ସେମାନଙ୍କ ପାଖରେ ଯାଇ ପହଞ୍ଚିବ ।

## ମହିଳା ପୁରୁଷ ତାରତମ୍ୟର ସାମାଜିକ ପ୍ରତିଫଳନ
## Social Impact of Woman & Man Disparity:

- ସାରା ବିଶ୍ୱର ମାତ୍ର ୧୩ % ମହିଳା ସଂସଦ ଥିବାବେଳେ ମାତ୍ର ୧୪% ମନ୍ତ୍ରୀ ଅଛନ୍ତି ।
- ଗର୍ଭାବସ୍ଥାରେ ପ୍ରତିବର୍ଷ ଅର୍ଦ୍ଧନିୟୁତ ମହିଳା ମୃତ୍ୟୁବରଣ କରନ୍ତି ।
- ପୃଥିବୀରେ ଜନ୍ମନେଉଥିବା ଶିଶୁ ମାନଙ୍କ ମଧ୍ୟରୁ ୧୧ ନିୟୁତ ଶିଶୁ ସେମାନଙ୍କ ୫ମ.ତମ ଜନ୍ମଦିବସ ପୂର୍ବରୁ ହିଁ ମୃତ୍ୟୁ ବରଣ କରିଥାନ୍ତି ।
- ଭାରତର ୧୫ରୁ୪୯ ବର୍ଷ ବୟସ ମଧ୍ୟରେ ଥିବା ୫୧.୮% ବିବାହିତ ମହିଳା ରକ୍ତହୀନତା ଏବଂ ପୁଷ୍ଟିହୀନତାର ଶିକାର ହେଉଛନ୍ତି । ଏମାନଙ୍କ ମଧ୍ୟରୁ ୧୯% ମହିଳା ପିଲାଜନ୍ମଦେବା ସମୟରେ ମୃତ୍ୟୁବରଣ କରିଥାନ୍ତି । ଭାରତରେ ରକ୍ତହୀନତା ଦେଖାଯାଉଥିବା ମହିଳାଙ୍କ ମଧ୍ୟରେ ୫୪% ମହିଳା ଗ୍ରାମାଞ୍ଚଳର ଅଟନ୍ତି ।

  ଓଡ଼ିଶା ପରିପ୍ରେକ୍ଷୀରେ ବିଚାର କଲେ ୧୯୯୧ ଜନଗଣନା ଅନୁଯାୟୀ ଆଦିବାସୀ ମାନଙ୍କ ମଧ୍ୟରେ ପୁରୁଷ ସାକ୍ଷରତା ହାର ୬୩.୦୯% ଥିବାବେଳେ ମହିଳା ସାକ୍ଷରତା ହାର ୩୩.୬୮% ସେହିପରି ୨୦୦୧ ଜନଗଣନା ଅନୁଯାୟୀ ପୁରୁଷ ସାକ୍ଷରତା ହାର ଗ୍ରାମାଞ୍ଚଳରେ ୭୫.୯୫ % ଥିବାବେଳେ ମହିଳା ସାକ୍ଷରତା ହାର ୫୦.୯୭% ।
- ଓଡ଼ିଶାରେ ୧୯୮୯ ମସିହାରେ ୨୦୭ଟି ଧର୍ଷଣ କେଶ୍ ରୁଜୁ ହୋଇଥିବା ବେଳେ ୧୯୯୪ରେ ୪୩୪ଟି, ୧୯୯୭ରେ ୫୮୩ଟି, ୨୦୦୧ରେ ୭୯୦ଟି କେଶ୍ ରୁଜୁ ହୋଇଛି । ଏହା ସ୍ପଷ୍ଟ ପ୍ରମାଣ କରେ ସମାଜରେ ନାରୀଟିଏ କେତେ ଅସୁରକ୍ଷିତ ।
- ଓଡ଼ିଶାର ଜନଗଣନା ଅନୁଯାୟୀ ୧୯୮୧ ମସିହାର ୧୦୦୦ ପୁରୁଷରେ ୯୮୧ଜଣ ମହିଳା, ୧୯୯୧ରେ ଏହା ୯୭୧ ଏବଂ ୨୦୦୧ରେ ୯୭୨ ଅଟେ । ଏହା ଅସନ୍ତୁଳିତ ଜୀବନ ଚର୍ଯ୍ୟାର ସୂଚନା ଦିଏ ।
- ୧୯୮୯ ମସିହାରେ ୧୨ଟି ଯୌତୁକ ନିର୍ଯ୍ୟାତନା ଓ ୪୬ଟି ଯୌତୁକ ଜନିତ ହତ୍ୟା ହୋଇଥିବା ବେଳେ ତାହା ବଢ଼ି ୨୦୦୧ରେ ୧୦୩୦ ଓ ୪୨୭ରେ ପହଞ୍ଚିଛି ।
- ଓଡ଼ିଶାରେ ଥିବା କ୍ଷୁଦ୍ରଶିଳ୍ପଦ୍ୟୋଗ ଗୁଡ଼ିକ ମାତ୍ର ୪% ମହିଳା ପରିଚାଳନାକାରୀଙ୍କ ଦ୍ୱାରା ପରିଚାଳିତ ହେଉଛି ।

୦ ଓଡ଼ିଶାର ରାଜନୀତିରେ ମହିଳା ମାନଙ୍କର ସଂଖ୍ୟାକୁ ସମୀକ୍ଷା କଲେ ଜଣାଯାଏ ୧୯୯୭ ମସିହା ନିର୍ବାଚନରେ ୧୦ ଜଣ ଜିଲ୍ଲାପରିଷଦ ଅଧକ୍ଷା ରହିଥିବାବେଳେ ୨୦୦୧ରେ ବି ସଂଖ୍ୟା ମଧ୍ୟ ସେହି ୧୦ ଅଟେ ।

*Leadership, Identification and Encouragement*
*(ମହିଳାଙ୍କ ନେତୃତ୍ୱ ବିକାଶ ) :*

ଏଥିପାଇଁ ମୁଖ୍ୟତଃ ସଚେତନତାର ଆବଶ୍ୟକତା ଅଛି । Change in Attitude ବା ଆମ ଚିନ୍ତାଧାରାର ପରିବର୍ତ୍ତନ ଦରକାର । ପ୍ରତିଟି ପରିବାର ସେଚେତନ ହେଲେ ଧୀରେ ଧୀରେ ବଦଳିଯିବ ସମାଜର ରୂପରେଖ । ଦ୍ୱିତୀୟତଃ ଗାଁ ଗହଳିରେ ଥିବା ଲୋକଙ୍କ ମଧ୍ୟରୁ ଯେଉଁ ମାନଙ୍କର ଅନ୍ୟ ମାନଙ୍କୁ ପ୍ରଭାବିତ କରିବାର କଳା ବା ଦକ୍ଷତା ରହିଛି ସେମାନଙ୍କୁ ଚିହ୍ନଟ କରିଉତ୍ସାହିତ କରି ଅନ୍ୟମାନଙ୍କ ମନରେ ସକରାତ୍ମକ ଚିନ୍ତାଧାରା ସୃଷ୍ଟି କରିବା ଦରକାର । ଯାହାକୁ ଇଂରାଜୀରେ କୁହାଯାଏ Leadership, Identification and Encouragement.ସାମଗ୍ରୀକ ବିକାଶ ପାଇଁ ଅର୍ଦ୍ଧେକ ଜନସଂଖ୍ୟାକୁ ମୁଖ୍ୟ ସ୍ରୋତରେ ସାମିଲ୍ କରିବାର ଆବଶ୍ୟକତାରହିଛି ।

*ଏଥିପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର, ଗ୍ରାମ ମୁଖିଆ ମାନଙ୍କର, ପଞ୍ଚାୟତ ସ୍ତରରେ ନିର୍ବାଚିତ ପ୍ରତିନିଧି ମାନଙ୍କର ଓ ସରକାରୀ କଳର ପଦସ୍ଥ ଅଫିସର ମାନଙ୍କର ଅନେକ ଭୂମିକା ରହିଛି ।*

***ଲିଙ୍ଗୀୟ ବିଭେଦ ଦୂର କରିବାରେ ଆମର ଭୂମିକା :***

ସରକାରୀ ପ୍ରଣୋଦିତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ବ୍ୟାଙ୍କ ସହ ସହଯୋଗ, ଆର୍ଥିକ ବିକାଶ ପାଇଁ ବିଭିନ୍ନ ଉଦ୍ୟୋଗ, ସାମୁହିକ ବିକାଶ ପାଇଁ ବିଭିନ୍ନ ସଭାସମିତି ଏ ସବୁ ଗୁଡ଼ିକରେ ମହିଳା ମାନଙ୍କର ଯୋଗଦାନ ବହୁତ କମ ଦେଖାଯାଏ । ଏବେ ବିଭିନ୍ନ ସ୍ୱୟଂ ସହାୟକ ଦଳ ଗଠନ କରି ମହିଳାମାନେ ଆସ୍ତେ ଆସ୍ତେ ଘର କୋଣରୁ ପଦାକୁ ବାହାରିଲେଣି । ଏହା ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ ।

ଗ୍ରାମ ସଭାରେ ମହିଳା ମାନଙ୍କର ଯୋଗଦାନ ପାଇଁ ଉତ୍ସାହଦେବା, ମତବ୍ୟକ୍ତ କରିବାକୁ ସୁଯୋଗ ଦେବା, ସେମାନଙ୍କର ସମସ୍ୟାକୁ ବୁଝି ଅନୁକୂଳ ବାତାବରଣ ଭିତରେ ଉନ୍ନତି ମୂଳକ କାର୍ଯ୍ୟକ୍ରମ ଗୁଡ଼ିକୁ ଆଗେଇ ନେବା, ପଞ୍ଚାୟତର ସଂପତ୍ତିକୁ ଲିଜ୍ ଦେବା ବେଳେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ଅଗ୍ରାଧିକାର ଦେବା, ଜମିଜମା ଅଧିକାର, ସୁରକ୍ଷା, ପଞ୍ଚାୟତରାଜ ଓ ପଞ୍ଚାୟତ ସମ୍ପତ୍ତି ଏବଂ ସାମଗ୍ରୀ ସମ୍ବନ୍ଧୀୟ ନିୟମ କାନୁନ୍, ଲଘୁ ବନଜାତ ଦ୍ରବ୍ୟର ଏବଂ କୃଷିଜାତ ଦ୍ରବ୍ୟରୁ ବିଭିନ୍ନ ପ୍ରକାର ଜିନିଷର ପ୍ରସ୍ତୁତିକରଣ, ବଜାର ସୁବିଧା ଏବଂ ତାର ଯୋଗାଯୋଗ, ଜୀବନ ଜୀବିକାର ମାନ ଉନ୍ନତ କରିବାକୁ ବିଭିନ୍ନ ପ୍ରକାର ଉଦ୍ୟୋଗର ପରିଚାଳନା ପ୍ରଭୃତି ପ୍ରତିଟି କ୍ଷେତ୍ରରେ ସରକାରୀ ଅନୁଷ୍ଠାନ, ବେସରକାରୀ ଅନୁଷ୍ଠାନ ଓ ଲୋକପ୍ରତିନିଧି ମାନଙ୍କର ଭୂମିକା ରହିଛି । ସେମାନଙ୍କୁ ଜଣାଇ ଆଗେଇ ନେବାରେ ବାଟ କଢ଼େଇ ନେବାରେ ସମସ୍ତଙ୍କର ସହଯୋଗ ରହିବା ଆବଶ୍ୟକ ।

ଶିଖିବା ଶିଖେଇବାକୁ ପ୍ରଭାବିତ କରେ ଶିକ୍ଷା, ଶିକ୍ଷାର ପ୍ରସାର ନ ଘଟିଲେ, ଜନ ସହଯୋଗ ନ ରହିଲେ, ପ୍ରତ୍ୟେକ କ୍ଷେତ୍ରରେ ନାରୀ ପୁରୁଷର ସହଭାଗୀତାରେ ସମନ୍ୱୟ ନ ରହିଲେ କୌଣସି ଉନ୍ନତି ମୂଳକ କାର୍ଯ୍ୟର ସଫଳ ପ୍ରୟୋଗ ହୋଇପାରିବ ନାହିଁ । ମାନବ ସମ୍ବଳର ସୁବିନିଯୋଗ ହୋଇପାରିଲେ ସ୍ୱପ୍ନର ଓଡ଼ିଶା ଆମର ହୋଇ ଉଠିବ, ସମୃଦ୍ଧ, ଋଚିପୂର୍ଣ୍ଣ ଓ ପ୍ରଗତିଶୀଳ ।



## ଦେବଗଡ଼ ପ୍ରୋଗ୍ରେସ୍ ଗ୍ରୁପ୍ (ଡ଼ି.ପି.ଜି.) :

ଦୀର୍ଘଦିନଧରି ଦେବଗଡ଼ ଜିଲ୍ଲାରେ କାର୍ଯ୍ୟ କରିଆସୁଥିବା ପାଞ୍ଚଗୋଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯଥା - 'ୱାର୍ଡ୍'-ଦୁଧିଆନାଳୀ, 'ସହଯୋଗ'-ବାଘମୁଣ୍ଡା, 'ଜନବିକାଶ'- ନୂଆଭୂଇଁ, 'ଆୱାର୍ଡ୍'-ଓ 'ଯାଭାର୍ଡ୍'-ବାରକୋଟ ମାନଙ୍କର ମିଳିତ ସହଯୋଗରେ ଏହି ଡ଼ିଜିପି-୨୦୦୪ ମସିହାରେ ଗଠନ କରାଯାଇଛି । ଏହା ଦେବଗଡ଼ ଜିଲ୍ଲାର ସଂପୂର୍ଣ୍ଣ ବିକାଶ ପାଇଁ ଅଙ୍ଗୀକାରବଦ୍ଧ ।

ଡ଼ି.ପି.ଜି. ଦେବଗଡ଼ ଜିଲ୍ଲାର ତିଲେଇବଣି ବ୍ଲକର ଦୁଧିଆନାଳୀ, ନୂଆଭୂଇଁ, ଡ଼ିମିରିକୁଦା ପଞ୍ଚାୟତ ଓ ବାରକୋଟ୍ ବ୍ଲକର ବାଘମୁଣ୍ଡା, କେଲ୍ଡ଼ା ପଞ୍ଚାୟତର ୩୦ ଟି ଗ୍ରାମରେ ତାର ବିକାଶ ମୂଳକ କାର୍ଯ୍ୟକ୍ରମକୁ ପରିଚାଳିତ କରିଆସୁଅଛି ।

## ଡ଼ି.ପି.ଜି. ର ଉଦ୍ଦେଶ୍ୟ :

- ସୂଚନାର ଅଧିକାର ବିଷୟରେ ଜନସଚେତନତା ସୃଷ୍ଟି କରି ଏହାକୁ କାର୍ଯ୍ୟକ୍ଷମ କରାଇବା ।
- ଆଦିବାସୀ, ହରିଜନ, ମହିଳା ଇତ୍ୟାଦି ପଛୁଆ ବର୍ଗର ଲୋକଙ୍କୁ ସଂଗଠିତ କରି ସେମାନଙ୍କର ଦକ୍ଷତା ବୃଦ୍ଧି କରାଇବା ।
- ଜନସାଧାରଣଙ୍କ ଦ୍ୱାରା ସେମାନଙ୍କର ସଂବଳକୁ ଚିହ୍ନଟ କରି ତାର ସଦୂପଯୋଗ କରିବା ।
- ସରକାରୀ ଓ ବେସରକାରୀ କଳ ଏବଂ ଜନସାଧାରଣଙ୍କର ମିଳିତ ସହଯୋଗରେ ଆଞ୍ଚଳିକ ସମସ୍ୟାର ସମାଧାନର ପନ୍ଥା ନିରୂପଣ କରି କାର୍ଯ୍ୟକ୍ଷମ କରାଇବା ।

## କାର୍ଯ୍ୟକ୍ରମ :

- ବର୍ତ୍ତମାନ ଡ଼ିପିଜିଦେବଗଡ଼ର ବାସଚ୍ୟୁତ ଲୋକମାନଙ୍କ ଉପରେ ସରକାରୀ ବିକାଶ ମୂଳକ ଯୋଜନା, ଖାଦ୍ୟ ସୁରକ୍ଷା ଓ ବନଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ ଉପରେ ଅଧ୍ୟୟନ କରୁଅଛି ।
- ୩୦ଟି ଗ୍ରାମରେ ଅଣୁଯୋଜନା ପ୍ରସ୍ତୁତି କରିବା ସହିତ ଗୋଷ୍ଠୀଗତ ସଂଗଠନ ମାନ ଗଠନ କରି ସେମାନଙ୍କର ଦକ୍ଷତା ବୃଦ୍ଧି କରୁଛି ।
- ସରକାରୀ କଳ ଓ ବେସରକାରୀ କଳ ସହ ସୁସଂପର୍କ ରଖି ବିକାଶର କାର୍ଯ୍ୟକ୍ରମକୁ ଆଗେଇ ନେବାରେ ସହାୟକ ହେଉଛି ।

### ଅଧିକ ଜାଣିବା ପାଇଁ ଯୋଗାଯୋଗ ଠିକଣା :

ଜଗନ୍ନାଥ ପଣ୍ଡା,
ପ୍ରକଳ୍ପସଂଯୋଜକ, ୱାର୍ଡ୍ ।
ଗ୍ରା - ଦୁଧିଆନାଳୀ
ପୋ- ଗୋହୁରିଆ ଡ଼୍ୟାମ ସାଇଟ୍
ଜିଲ୍ଲା - ଦେବଗଡ଼ - ୭୬୮୧୨୧